# ସତ୍ୟବାକ୍ୟ

# THE WORD OF TRUTH

**MAY & JUNE - 2011**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.16.MAY&JUN-2011.No-3

Published every two months in **Oriya** language for the Restoration of pure New Testament Christianity

Hear **SATYA VANI Oriya Radio** programme on
**Radio Sri Lanka**
Every Sunday at 6:45 a.m.

Write for free Bible Correspondence course in Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

**VOL - XVI KAKINADA MAY-JUNE-2011**


## ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ
(Jesus Personality)

ସୃଷ୍ଟିକର୍ତ୍ତା ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ । ସଂପୂର୍ଣ୍ଣ ଐଶ୍ୱରତ୍ୱ ତାହାଙ୍କଠାରେ ବାସ କରେ । ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ କହନ୍ତି, "କାରଣ ଖ୍ରୀଷ୍ଟଙ୍କ ଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କରେ (୨.୯) ଏବ୍ରୀ ପୁସ୍ତକ କର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ପିତା ପରମେଶ୍ୱରଙ୍କ 'ପ୍ରକୃତ ପ୍ରତିବିମ୍ବ' ରୂପେ ଆପଣା ଲେଖନରେ ପ୍ରକାଶ କରି ଅଛନ୍ତି । ସେ ସର୍ବ ଶକ୍ତିମାନ ଗୌରବମୟ ସଦାପ୍ରଭୁଙ୍କ ପ୍ରକୃତ ପ୍ରତିନିଧି ।

ପ୍ରକାଶିତ ବାକ୍ୟ ପୁସ୍ତକର ପ୍ରଥମ ତିନି ଅଧ୍ୟାୟରେ ଯୀଶୁଖ୍ରୀଷ୍ଟଙ୍କ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯାଇ ଅଛି । ସେହି ବାକ୍ୟଗୁଡିକ ଧ୍ୟାନ କରିବା ଦ୍ୱାରା, ତାହାଙ୍କ ବିଷୟରେ ଅଧିକ ଜାଣିପାରିବା । ଆମ୍ଭମାନଙ୍କ ଆତ୍ମାର ରକ୍ଷକ ଯୀଶୁଖ୍ରୀଷ୍ଟ ଆପଣା ବିଷୟରେ ସେ କହନ୍ତି, "ଫିଲାଦେଲ୍ ଫିଆ ମଣ୍ଡଳୀର ଦୂତ ନିକଟକୁ ଲେଖ, ସେ ପବିତ୍ର ଓ ସତ୍ୟ, ଯାହାଙ୍କ ହସ୍ତରେ ଦାଉଦଙ୍କର କଞ୍ଚି ଅଛି, ଯେ ଫିଟାଇଲେ କେହି ବନ୍ଦ କରି ନପାରେ, ଆଉ ବନ୍ଦ କଲେ ଫିଟାଇ ନପାରେ" । ଯୀଶୁଖ୍ରୀଷ୍ଟ ଏହି ବାକ୍ୟଦ୍ୱାରା ଆପଣା ପରିଚୟ ଏହିପରି ଦେଇ ଅଛନ୍ତି (୧) ସେ ପବିତ୍ର (୨) ସେ ସତ୍ୟ (୩) ତାହାଙ୍କ ହସ୍ତରେ ଦାଉଦଙ୍କ କଞ୍ଚି ଅଛି (୪) ଯେ ଫିଟାଇଲେ କେହି ବନ୍ଦ କରି ନପାରେ, ଆଉ ବନ୍ଦ କଲେ ଫିଟାଇ ନପାରେ । ଯୀଶୁଖ୍ରୀଷ୍ଟଙ୍କ ଏହି ଚାରିଟି ଗୁଣ ଆହୁରି ସୂକ୍ଷ୍ମ ଭାବେ ବୁଝିବା -

୧) ସେ ପବିତ୍ର- ଏଠାରେ **Holy** ବା ପବିତ୍ରର ଅର୍ଥ ସେ ପରମେଶ୍ୱରଙ୍କ ପବିତ୍ର ବ୍ୟକ୍ତି ଅଟନ୍ତି । ତାହାଙ୍କ ପବିତ୍ରତା ସକାଶେ ସେ ଉପାସନୀୟ । ଯୀଶୁଖ୍ରୀଷ୍ଟଙ୍କୁ

ଈଶ୍ୱରଙ୍କ ରୂପେ ଉପାସନା କହିବାର ଆଠଟି ଘଟଣା ନୂତନ ନିୟମରେ ପଢିପାରୁ । ପ୍ରେରିତ ଯୋହନଙ୍କୁ ଈଶ୍ୱରଙ୍କ ବାକ୍ୟ ପ୍ରକାଶିତ ହେବା ସମୟରେ ସେ ଜଣେ ଦୂତଙ୍କୁ ପ୍ରଣାମ କରିବାକୁ ଉଦ୍ୟତ ହୁଅନ୍ତେ ସେ ଦୂତ ତାହାଙ୍କୁ ଅନୁରୋଧ କରି କହିଲେ, "ସାବଧାନ, ଏହା କର ନାହିଁ, କାରଣ ମୁଁ ତୁମ୍ଭର, ତୁମ୍ଭର ଭାତୃବୃନ୍ଦ ଭାବବାଦୀମାନଙ୍କର ଓ ଏହି ବାକ୍ୟ ପାଳନ କାରୀମାନଙ୍କର ସହଦାସ, ଈଶ୍ୱରଙ୍କୁ ପ୍ରଣାମ କର । "(ପ୍ରକାଶିତ ୨୨:୯) ଏହି ବାକ୍ୟ ଯୀଶୁଖ୍ରୀଷ୍ଟଙ୍କ ଐଶରତ୍ୱ ପ୍ରମାଣ କରେ । ଦୂତମାନଙ୍କ ସଦୃଶ୍ୟ ମନୁଷ୍ୟମାନଙ୍କ ଦ୍ୱାରା ଉପାସିତ ହେବାକୁ ଇଚ୍ଛା କରି ନ ଥାନ୍ତେ । ସମସ୍ତ ଗୌରବ ଓ ଆରାଧନାର ଅଧିକାରୀ ପରମେଶ୍ୱର ଅଟନ୍ତି । ଯୀଶୁଖ୍ରୀଷ୍ଟ ସେହି ମହାନ ଏକତ୍ରିତତ୍ୱର ଅଭିନ୍ନ ବ୍ୟକ୍ତି ହୋଇଥିବାରୁ ସେ ପୂଜନୀୟ ।

ପିତା ପରମେଶ୍ୱର ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପଠାଇବା ସମୟରେ ଆଜ୍ଞା ଦେଇ କହିଲେ, "ଈଶ୍ୱରଙ୍କ ସମସ୍ତ ଦୂତ ତାହାଙ୍କୁ ପ୍ରଣାମ କରନ୍ତୁ ।" (ଏବ୍ରୀ ୧:୬)ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ସଦୃଶ ଈଶ୍ୱରଙ୍କ ସୃଷ୍ଟି ବ୍ୟକ୍ତି ନୁହନ୍ତି । କିନ୍ତୁ ସେ ନିଜେ ସୃଷ୍ଟି କର୍ତ୍ତା ଅଟନ୍ତି । ଏହାର ଆଉ ଗୋଟିଏ ପ୍ରମାଣ ଆମ୍ଭେ ମାନେ ଯୋହନଙ୍କ ସୁସମାଚାରର ପ୍ରଥମ ପଦରେ ପଢିପାରୁ । ଲେଖାଯାଏ "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱର ସେବାରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । (ଯୋହନ ୧:୧)

ପବିତ୍ରତାକୁ ତିନି ବିଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି । ଯୀଶୁଙ୍କ ନିକଟରେ ଗ୍ରାହ୍ୟଯୋଗ୍ୟ ହେବା ନିମନ୍ତେ ଆମ୍ଭମାନଙ୍କୁ ଏହି ତିନି ପ୍ରକାର ଭାବରେ ପବିତ୍ର ହେବା ଆବଶ୍ୟକ । ପ୍ରଥମେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆପଣା ଜୀବନ ପୃଥକୀକୃତ କରିବା ଆବଶ୍ୟକ । ଯୀଶୁଖ୍ରୀଷ୍ଟ ପରମେଶ୍ୱରଙ୍କ ନିମନ୍ତେ ଅନେକ କ୍ଳେଶ, ତାଡନା ଓ କ୍ରୁଶୀୟ ମୃତ୍ୟୁ ଭୋଗିଥିଲେ । ପ୍ରେରିତ ପାଉଲଙ୍କ ଲେଖନୀ କହେ, "ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତୀ କରୁଅଛି, ତୁମ୍ଭେମାନେ ଆପଣା ୨ ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ । କିନ୍ତୁ ଯେପରି, ଏଥି ନିମନ୍ତେ ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।" (ରୋମୀୟ ୧୨:୧-୨)

ଦ୍ୱିତୀୟରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଆମ୍ଭେମାନେ ପବିତ୍ର ହେବା ଆବଶ୍ୟକ । ପୁରାତନ ନିୟମର ସମୟରେ ଶୁଦ୍ଧ,

ପବିତ୍ର ଓ ନିଖୁନ୍ତ ବଳି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେଉଥିଲା । ପାପରହିତ ମେଷ ଶାବକ ସଦୃଶ୍ୟ ଯୀଶୁଖ୍ରୀଷ୍ଟ ଆପଣାକୁ ଈଶ୍ୱରଙ୍କ କାର୍ଯ୍ୟରେ ସମର୍ପିତ କରିଥିଲେ । ଆମ୍ଭେମାନେ ମଧ୍ୟ ସେହିପରି ନିଷ୍କଳଙ୍କ ବଳି ସଦୃଶ୍ୟ ଆପଣା ଆପଣାକୁ ପବିତ୍ରକୃତ କରିବା ଆବଶ୍ୟକ । ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷ୍ୟାତରେ ପବିତ୍ର ଓ ଅନିନ୍ଦନୀୟ ହେଉ ଏଥିପାଇଁ ସେ ଜଗତର ପତନ ପୂର୍ବେ ତାହାଙ୍କ ଠାରେ ଆମ୍ଭମାନଙ୍କୁ ମନୋନୀତ କଲେ ।" (ଏଫିସୀ ୧:୪)

ତୃତୀୟରେ ଆମ୍ଭମାନଙ୍କ ସେବା ସୃଷ୍ଟି କର୍ତ୍ତାଙ୍କ ଗ୍ରହଣ ଯୋଗ୍ୟ ହେବା ନିମନ୍ତେ ଆମ୍ଭମାନଙ୍କୁ ଶୁଦ୍ଧ, ପବିତ୍ର, ଅନିନ୍ଦନୀୟ ଜୀବନ ଯାପନ କରିବା ଆବଶ୍ୟକ । ଈଶ୍ୱର ପରାୟଣତା ଜୀବନ ବ୍ୟତୀତ ଆମ୍ଭେମାନେ ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷ ପାତ୍ର ହୋଇ ପାରିବା ନାହିଁ । ଯୀଶୁଖ୍ରୀଷ୍ଟଙ୍କ ସୁଦ୍ଧ, ପବିତ୍ର ଓ ଧାର୍ମିକ ଜୀବନ ଯାପନ ଆମ୍ଭମାନଙ୍କ ପଥ ପ୍ରଦର୍ଶକ । ଏବ୍ରୀ ପୁସ୍ତକ କର୍ତ୍ତା ଆପଣା ଲେଖନୀରେ ଏହି ଭାବ ପ୍ରକାଶ କରି ଅଛନ୍ତି, "କାରଣ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ । ଆମ୍ଭମାନଙ୍କର ଏପରି ମହାଯାଜକ ନାହାନ୍ତି ବରଂ ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରିକ୍ଷିତ ହେଲେ ।" (ଏବ୍ରୀ ୪.୫) ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆମ୍ଭେମାନେ ପାପରହିତ ଜୀବନ ଯାପନ କରିବାରେ ଅସମକ୍ଷ । ତେଣୁକରି ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଲେ । ତାହାଙ୍କ ରକ୍ତ ଦ୍ୱାରା ଆମ୍ଭମାନଙ୍କ ପାପ ମୋଚନ ହୋଇଥାଏ । "ଈଶ୍ୱର ପରାୟଣତା ଜୀବନ ଯାପନ କରିବା ନିମନ୍ତେ ଅଭ୍ୟାସ କର ।" ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଉତ୍ସାହିତ କରିବା ସାଙ୍ଗେ ସାଙ୍ଗେ ଆମ୍ଭମାନଙ୍କୁ ମଧ୍ୟ ଉତ୍ସାହିତ କରିଅଛନ୍ତି ।

(୨) ସେ ସତ୍ୟ ଅଟନ୍ତି - ଯୀଶୁଖ୍ରୀଷ୍ଟ ସତ୍ୟ ଅଟନ୍ତି । ସେ କେବଳ ସତ୍ୟବାକ୍ୟ କହନ୍ତି ବୋଲି ତାହାର ଅର୍ଥ ନୁହେଁ । ତାହାଙ୍କ ବାକ୍ୟ ସକଳ ସତ୍ୟ ଅଟେ ଓ ସେ ନିଜେ ସତ୍ୟ ଅଟନ୍ତି । ଉଦ୍ ବିଗ୍ନ ଶିଷ୍ୟବୃନ୍ଦଙ୍କୁ ସେ କହିଲେ , "ମୁଁ ପଥ, ସତ୍ୟ ଓ ଜୀବନ, ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।" (ଯୋହନ ୪:୬)

ଯୀଶୁଖ୍ରୀଷ୍ଟଙ୍କ ବ୍ୟତୀତ ଆଉ କୌଣସି ପଥ ନାହିଁ, ତାହାଙ୍କ ବ୍ୟତୀତ ଆଉ କାହା ପାଖରେ ଜୀବନ ନାହିଁ । ତାହାଙ୍କ ବାକ୍ୟରେ ଆମ୍ଭେମାନେ ବିଶ୍ୱାସ କରୁ, ନିର୍ଭର କରୁ ଓ ପାଳନ କରୁ । ତେଣୁ ସେ ନିଜେ ସତ୍ୟ ଅଟନ୍ତି । ଯୋହନ ୧୪ ପର୍ବ ପ୍ରଥମ ତିନି ପଥରେ

ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ ସ୍ୱର୍ଗୀୟ ବାସସ୍ଥାନର ପ୍ରତିଜ୍ଞା କରିଥିଲେ । ସେହି ପ୍ରତିଜ୍ଞା ଉପରେ ଥିବା ଆମ୍ଭମାନଙ୍କ ବିଶ୍ୱାସ ଆମ୍ଭମାନଙ୍କ ଖ୍ରୀଷ୍ଟ ଜୀବନର ମୂଳ ଦୂଆ । ଯୀଶୁରେ ହତ ହେବା ପୂର୍ବେ ପୀଲାତଙ୍କ ନ୍ୟାୟ ସ୍ଥାନରେ ଯୀଶୁଖ୍ରୀଷ୍ଟ କହିଲେ "ମୁଁ ଯେପରି ସତ୍ୟପକ୍ଷରେ ସାକ୍ଷ୍ୟ ଦିଏ । ଏଥି ନିମନ୍ତେ ମୁଁ ଜନ୍ମ ହୋଇଅଛି ଓ ଜଗତକୁ ଆସିଅଛି । ଯେ କେହି ସତ୍ୟର ସନ୍ତାନ ସେ ମୋହର କଥାଶୁଣେ ।" (ଯୋହନ ୧୮:୩୮)

ଯାହାଙ୍କ ହସ୍ତରେ ଦାଉଦଙ୍କ କଞ୍ଚି ଅଛି - ଅଧିକାର ପ୍ରାପ୍ତ ବ୍ୟକ୍ତି ପାଖରେ କଞ୍ଚି ଥାଏ । କଞ୍ଚି ଅଧିକାରର ଚିହ୍ନ । ଯୀଶୁଖ୍ରୀଷ୍ଟଙ୍କୁ ଦାଉଦଙ୍କ କଞ୍ଚି ଦିଆଯାଇ ଅଛି । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ସମୁହିତ ଯିହୁଦୀୟ ଜନତାଙ୍କୁ ପିତର ଆପଣା ପ୍ରଥମ ସୁସମାଚାର ପ୍ରସଙ୍ଗରେ କହିଲେ ଈଶ୍ୱର ଯୀଶୁଖ୍ରୀଷ୍ଟଙ୍କ ମୃତମାନଙ୍କ ମଧ୍ୟରୁ ଉଠାଇ ଦାଉଦଙ୍କ ସିଂହାସନରେ ବସାଇ ଅଛନ୍ତି ।

❋❋❋

# ପତନର ସମ୍ମୁଖରେ ଅହଙ୍କାର ଥାଏ ।

## "Pride Goeth before fall" (ହିତ-୧୬:୧୮)

"ରାଜା ଏହି କଥା କହିଲେ, ମୁଁ ଆପଣା ବଳର ପ୍ରଭାବରେ ଓ ଆପଣା ପ୍ରତାପର ମହିମା ନିମନ୍ତେ ରାଜଧାନୀ କରିବା ପାଇଁ ଯାହା ନିର୍ମାଣ କରିଅଛି, ଏହା କି ସେହି ବାବିଲ ନୁହେଁ ? ରାଜାର ମୁଖରେ ଏହି କଥା ଥାଉ ଥାଉ ଏହି ସ୍ୱର୍ଗୀୟ ବାଣୀ ହେଲା, ହେ ରାଜନ ନବୂଖାଦ୍‌ନିତ୍ସର, ତୁମ୍ଭକୁ ଏହି କଥା କୁହାଯାଇଅଛି । ତୁମ୍ଭଠାରୁ ରାଜ୍ୟ ଗଲା । ପୁଣି, ତୁମ୍ଭେ ମଣିଷ୍ୟମାନଙ୍କ ମଧ୍ୟରୁ ଦୂରୀକୃତ ହେବ ଓ କ୍ଷେତ୍ରସ୍ଥ ପଶୁମାନଙ୍କ ସଙ୍ଗରେ ତୁମ୍ଭର ବସତି ହେବ, ବଳଦ ନ୍ୟାୟ ତୁମ୍ଭକୁ ତୃଣଭୋଗୀ କରାଯିବ । ଏହି ରୂପେ ତୁମ୍ଭ ଉପରେ ସାତକାଳ ବହିଯିବ, ଶେଷରେ ଯେ ସର୍ବୋପରିସ୍ଥିତି, ସେ ଯେ ମନୁଷ୍ୟମାନଙ୍କ ରାଜ୍ୟରେ କର୍ତ୍ତୃତ୍ୱ କରନ୍ତି ଓ ଯାହାକୁ ତାହାଙ୍କର ଇଚ୍ଛା, ତାହାକୁ ସେ ଦିଅନ୍ତି, ଏହା ତୁମ୍ଭେମାନେ ଜାଣିବ । ସେହି ଦଣ୍ଡରେ ନବୂଖଦ୍‌ନିତ୍ସର ପ୍ରତି ସେହି କଥା ସଫଳ ହେଲା, ସେ ମନୁଷ୍ୟମାନଙ୍କ ମଧ୍ୟରୁ ଦୂରୀକୃତ ହୋଇ ବଳଦ ନ୍ୟାୟ ତୃଣ ଭୋଜନ କଲା, ଆଉ ତାହାର ଶରୀର ଆକାଶର କାକରରେ ତିନ୍ତିଲା । ଶେଷରେ ତାହାର କେଶ ଉତ୍କ୍ରୋଶ

ପକ୍ଷୀର ପର ତୁଲ୍ୟ ଓ ତାହାର ନଖ ପକ୍ଷୀର ନଖ ତୁଲ୍ୟ ବଢ଼ିଲା ।" (ଦାନିୟେଲ-୪:୩୦-୩୩) । ଭାବବାଦୀ ଦାନିୟେଲଙ୍କ ଭାବବାଦୀନୁଯାୟୀ ରାଜା ନବୂଖଦ୍‌ନତ୍ସର ଆପଣାର ଗର୍ବ ନିମନ୍ତେ ସାତବର୍ଷ ପର୍ଯ୍ୟନ୍ତ କଷ୍ଟ ଭୋଗିଲେ । 'ଅହଙ୍କାର-ଦୃଷ୍ଟିକୁ' ସଦାପ୍ରଭୁ କୃପା କରନ୍ତି । (ହିତ-୬:୧୬) । ଗୀତ-ରଚକ ଦାଉଦ କହନ୍ତି,...ମାତ୍ର ସେ ଗର୍ବୀଙ୍କୁ ଦୂରରୁ ଚିହ୍ନନ୍ତି ।(ଗୀତ-୧୩୮:୬) । ବିନାଶ ପୂର୍ବେ ଗର୍ବ ଚାଲେ ।

ସଦାପ୍ରଭୁଙ୍କ ଦୂତବାହିନୀର ପ୍ରଧାନ ଦୂତ ଆପଣା ଗର୍ବ ହେତୁ ସଦାପ୍ରଭୁଙ୍କ ସାନିଧ୍ୟଠାରୁ ପତିତ ହେଲା । ବାକ୍ୟ କୁହେ, "ହେ ଲୁଶିପର, ପ୍ରତ୍ୟୁଷର ପୁତ୍ର ! ତୁମ୍ଭେ କିପରି ସ୍ୱର୍ଗରୁ ପତିତ ହେଲ ! ଗୋଷ୍ଠୀଗଣଙ୍କୁ ତୁମ୍ଭେ ଯେ ନତ କରି ଥିଲା । ତୁମ୍ଭେ କିପରି ଭୂମିରେ ନିକ୍ଷିପ୍ତ ହେଲା । ପୁଣି, ତୁମ୍ଭେ ମନେ ମନେ କହିଥିଲା, ଆମ୍ଭେ ସ୍ୱର୍ଗାରୋହଣ କରିବା, ଆମ୍ଭେ ପରମେଶ୍ୱରଙ୍କ ନକ୍ଷତ୍ରଗଣର ଉର୍ଦ୍ଧ୍ୱରେ ସିଂହାସନ ଉଚ୍ଚିକୃତ କରିବା, ଆମ୍ଭେ ଉତ୍ତର ଦିଗରେ ପ୍ରାନ୍ତରସ୍ଥିତ ସମାଗମ ପର୍ବତରେ ଉପବିଷ୍ଟ ହେବା । ଆମ୍ଭେ ମେଘମାନର ଉଚ୍ଚସ୍ଥଳୀର ଉର୍ଦ୍ଧ୍ୱକୁ ଆରୋହଣ କରିବା, ଆମ୍ଭେ ସର୍ବୋପରିସ୍ଥଙ୍କର ତୁଲ୍ୟ ହେବା ମାତ୍ର ତୁମ୍ଭେ ପାତଳକୁ, ଗର୍ତ୍ତର ପ୍ରାନ୍ତ ସୀମାକୁ ଅବରୋହିତ ହେବ ।" (ଯିଶାୟ-୧୪:୧୨-୧୫) । କାରଣ ଈଶ୍ୱର ପାପରେ ପତିତ ଦୂତମାନଙ୍କୁ ନ ଛାଡି ନରକରେ ନିକ୍ଷେପ କରି ବିଚାର ନିମନ୍ତେ ଅନ୍ଧକାରମୟ ଗହ୍ୱରରେ ରଖନ୍ତି । (୨ ପିତର-୨:୪ ଓ ଯିହୂଦା ୬ ପଦ) ।

ଯିହୂଦା ଦେଶରେ ରାଜା ଉଷିୟଙ୍କ ଗର୍ବର ଫଳ ଆମ୍ଭେମାନେ ୨ୟ ବଂଶାବଳି ୨୬ ପର୍ବରେ ପଢ଼ିଥାଉଁ । ସଦାପ୍ରଭୁ ତାହାଙ୍କ ଶତ୍ରୁମାନଙ୍କ ଉପରେ ବିଜୟ ପ୍ରଦାନ କରିଥଲେ । ତାହାଙ୍କ ଏକ ଶକ୍ତିଶାଳୀ ସୈନ୍ୟଦଳ ଥିଲା । ସେ ଅନେକ ନଗର ନିର୍ମାଣ କଲେ । ସେ ଯେତେ ଦିନ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ଅନ୍ୱେଷଣ କଲେ, ସେତେ ଦିନ ପର୍ଯ୍ୟନ୍ତ ସଦାପ୍ରଭୁ ତାହାଙ୍କୁ ଆଶୀର୍ବାଦ କରିଥିଲେ ଓ ସାହାଯ୍ୟ କରିଥିଲେ । "ମାତ୍ର ସେ ବଳବାନ ହୁଅନ୍ତେ, ତାଙ୍କର ଅନ୍ତଃକରଣ ଉଦ୍ଧତ ହେଲା । ତହୁଁ ସେ ଧୂପ ଜଳାଇବା ନିମନ୍ତେ ସଦାପ୍ରଭୁଙ୍କ ମନ୍ଦିରକୁ ଗଲେ ।" (୨ୟ ବଂଶାବଳୀ ୨୬:୧୬) । ଧୂପ ଜଳାଇବା କେବଳ ହାରୋଣ ସନ୍ତାନମାନଙ୍କ ଅଧିକାର,କିନ୍ତୁ ଗର୍ବିତ ଉଷିୟ ରାଜା ଧୂପ ଜଳାଇବା ନିମନ୍ତେ ହସ୍ତରେ ଧୂପ ଧରି ଧୂପବେଦି ନିକଟବର୍ତ୍ତୀ ହେଲା । କିନ୍ତୁ ସଦାପ୍ରଭୁ ତାହାଙ୍କୁ ସେଠାରେ ଆଘାତ କଲେ ଓ ତାହାଙ୍କ କପାଳରେ କୁଷ୍ଠ ପ୍ରକାଶ ପାଇଲା । "ତହିଁରେ ଉଷିୟ ରାଜା ଆପଣା ମରଣଦିନ ପର୍ଯ୍ୟନ୍ତ କୁଷ୍ଠୀହୋଇ ପୃଥକ ଗୃହରେ ବାସକଲେ, କାରଣ ସେ ସଦାପ୍ରଭୁଙ୍କ ଗୃହରୁ ଉଚ୍ଛିନ୍ନ ହେଲେ... ।"(୨୧ମ ପଦ) । ବିନାଶ ପୂର୍ବେ ଗର୍ବ ଚାଲେ ।

ଆମ୍ଭେମାନଙ୍କ ସ୍ୱର୍ଗସ୍ଥ ପିତା କହିଲେ "କାରଣ ଯେ ଅନନ୍ତ କାଳ ନିବାସୀ, ଯାହାଙ୍କର ନାମ ଧର୍ମମୟ, ସେହି ଉଚ୍ଚ ଓ ଉନ୍ନତ ପୁରୁଷ ଏହି କଥା କହନ୍ତି, ଆମ୍ଭେ ଊର୍ଦ୍ଧ୍ୱ ଓ ପବିତ୍ର ସ୍ଥାନରେ ବାସକରୁ, ମଧ୍ୟ ନମ୍ର ଲୋକମାନଙ୍କର ଆତ୍ମାକୁ ସଜୀବ ଓ ଚୂର୍ଣ୍ଣମନା ଲୋକମାନଙ୍କର ଅନ୍ତକରଣକୁ ସଜୀବ କରିବା ପାଇଁ, ଆମ୍ଭେ ଚୂର୍ଣ୍ଣ ଓ ନମ୍ରମନା ଲୋକର ସଙ୍ଗର ହେଁ ବାସକରୁ ।" (ଯିଶାଇୟ-୫୭:୧୫)। ସହସ୍ର ସହସ୍ର ମେଷରେ ଅବା ଅୟୁତ ଅୟୁତ ତୈଳ ନଦୀରେ ସଦାପ୍ରଭୁଙ୍କ ସନ୍ତୋଷ ନାହିଁ, କିନ୍ତୁ ସେ ଏକ ନମ୍ର ଅନ୍ତଃକରଣରେ ସନ୍ତୁଷ୍ଟ ଅଟନ୍ତି । (ମୀଖା-୬:୭-୮) । ଯାକୁବ କହନ୍ତି, "ଈଶ୍ୱର ଅହଙ୍କାରୀମାନଙ୍କ ପ୍ରତିରୋଧ କରନ୍ତି କିନ୍ତୁ ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି ।" (ଯାକୁବ-୪:୬-୧୦) ।

ସଦାପ୍ରଭୁଙ୍କ ଏକ ଶକ୍ତିଶାଳୀ ଯୋଦ୍ଧା ମୋଶା ଏକ ନମ୍ର ମନୁଷ୍ୟ ଥିଲେ ବୋଲି ପବିତ୍ର ବାକ୍ୟରେ ପଢ଼ିଥାଉଁ । ''ମୋଶା ପୃଥିବୀସ୍ଥ ସମସ୍ତ ଲୋକଙ୍କ ଠାରୁ ଅତି ନମ୍ର ଲୋକ ଥିଲେ ।'' (ଗଣନା-୧୨:୩) ।

ଈଶ୍ରାଏଲର ରାଜା ରିହବିୟାମ ଆପଣା ରାଜ୍ୟ ସୁସ୍ଥିର ବଳବାନ ହୁଅନ୍ତେ ସମଗ୍ର ଈଶ୍ରାଏଲ ସଦାପ୍ରଭୁଙ୍କ ବ୍ୟବସ୍ଥା ପରିତ୍ୟାଗ କଲେ । ସେମାନଙ୍କ ଆଜ୍ଞାଲଂଘନ ହେତୁ ମିସରର ରାଜା ଶୀଶକଙ୍କ ଆକ୍ରମଣରେ ପରାସ୍ତ ହେଲେ । "ସେତେ ବେଳେ ଈଶ୍ରାଏଲର ଅଧିପତିମାନେ ଓ ରାଜାମାନେ ଆପଣାକୁ ନମ୍ର କଲେ ଓ କହିଲେ ସଦାପ୍ରଭୁ ଧର୍ମମୟ ... ଆଉ ସେ (ରାଜା) ଆପଣାକୁ ନମ୍ର କରନ୍ତେ ତାଙ୍କ ଉପରୁ ସଦାପ୍ରଭୁଙ୍କ କୋପ ନିବୃତ୍ତ ହେଲା, ତହିଁରେ ସେ ତାହାଙ୍କୁ ସମ୍ପୂର୍ଣ୍ଣରୂପେ ବିନାଶ କଲେ ନାହିଁ, ଆହୁରି ଯିହୁଦା ଦେଶ ମଧ୍ୟରେ ସଦ୍‌ଭାବ ଦେଖାଗଲା ।" (ଦ୍ୱି.-ବଂ- ୧୨:୬-୧୨) । ଆମ୍ଭେ ଯେବେ ସଦାପ୍ରଭୁଙ୍କ ନିକଟରେ ଆପଣାକୁ ନମ୍ର କରୁ, ସଦାପ୍ରଭୁଙ୍କ କୋପ ନିବୃତ୍ତ ହୁଏ ।

ଆମ୍ଭେମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟ 'ନମ୍ରତା'ର ପ୍ରତୀକ ଅଟନ୍ତି । ପ୍ରେରିତ ପାଉଲ କହନ୍ତି, "ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେପରି ମନ ହେଉ । ସେ ଈଶ୍ୱରରୂପୀ ହେଲେହେଁ ଈଶ୍ୱରଙ୍କ ସହିତ ସମାନ ହୋଇପାରିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ । ପୁଣି, ମନୁଷ୍ୟଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରି ଅଛନ୍ତି । ପୁଣି ସମସ୍ତ ନାମ ଅପେକ୍ଷା । ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରି ଅଛନ୍ତି ।" (ଫିଲିପି-୨:୫-୯) ।

ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ନମ୍ର କରି ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ । ଏକ ନମ୍ର ଓ ସାଧୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାହାଙ୍କ ଜନ୍ମ ସମୟରେ ତାହାଙ୍କ ମାତା ତାହାଙ୍କୁ ଲୁଗାରେ ଗୁଡାଇ ଗୁହାଳକୁଣ୍ଡରେ ଶୁଆଇଲେ । ସେ ଆପଣା ବାଲ୍ୟବସ୍ଥା ପିତାମାତାଙ୍କ ବଶୀଭୂତ ହୋଇ ଜୀବନ ଯାପନ କରିଥିଲେ । ସେ ଶତ ସେନାପତି ଓ ଏକ କିଣାନୀୟ ସ୍ତ୍ରୀଙ୍କ ନମ୍ରତା ଦେଖି ପ୍ରଶଂସା କରିଥିଲେ । (ମାଥିଉ-୮:୫-୧୦ ଓ ୧୫:୨୧-୨୮) । ଜକ୍ଖିୟ ଆପଣାଙ୍କୁ ନମ୍ର କରିବାରୁ, ଯୀଶୁଖ୍ରୀଷ୍ଟ ସେ ଦିନ ତାହାଙ୍କ ଆତିଥ୍ୟ ସ୍ୱୀକାର କରିଥିଲେ । ସେ କହିଲେ, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ , ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ ପୁଣି ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ । (ମାଥିଉ-୧୧:୨୮-୨୯) । ଗର୍ବ ବା ଅହଙ୍କାର ଆମ୍ଭମାନଙ୍କୁ ବିନାଶର ପଥକୁ ଘେନି ଯାଏ, କିନ୍ତୁ ନମ୍ରତାରେ ଅନୁଗ୍ରହ, ମହିମା ଓ ଜୀବନ ଥାଏ । ପ୍ରେରିତ ପିତର ଲେଖନ୍ତି, "ଅତଏବ, ଈଶ୍ୱରଙ୍କ ବଳବନ୍ତ ହସ୍ତତଳେ ଆପଣା ଆପଣାଙ୍କୁ ନତକର, ଯେ ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ ।" (୧ମ ପିତର ୫:୬) । ରାଜା ନବୂଖଦ୍‌ନସ୍ୱରଙ୍କ କ୍ଳେଶ ସମୟ ବିତିଯିବା ପରେ ତାହାଙ୍କ ଜ୍ଞାନ ଓ ଆଲୋଚନା ତାହାଙ୍କ ମିକଟକୁ ନମ୍ର କରି, ଅନନ୍ତମୟ ପରମେଶ୍ୱରଙ୍କ ସ୍ତୁତିଗାନ କଲେ । ଅନନ୍ତକାଳସ୍ଥାୟୀ ନିତ୍ୟଜୀବି ପରମେଶ୍ୱରଙ୍କ ଧନ୍ୟବାଦ ହେଲେ । ସେ କହିଲେ, ମୁଁ ନବୂଖଦ୍‌ନିସ୍ୱର ସେହି ସ୍ୱର୍ଗସ୍ଥ ରାଜାଙ୍କର ପ୍ରଶଂସା, ପ୍ରତିଷ୍ଠା ଓ ସମାଦର କରୁଅଛି, କାରଣ ତାହାଙ୍କ ସକଳ କ୍ରିୟା ସତ୍ୟ ଓ ତାହାଙ୍କର ପଥସକଳ ନ୍ୟାର୍ଯ୍ୟ; ପୁଣି ଯେଉଁମାନେ ଗର୍ବାଚରଣ କରନ୍ତି, ସେମାନଙ୍କୁ ନତ କରିବାକୁ ତାହାଙ୍କର କ୍ଷମତା ଅଛି ।" (ଦାନିୟେଲ-୪:୩୭) ।

***- Kabita Gootam***

# ଈଶ୍ୱରଙ୍କ ନିମନ୍ତେ ବିଜୟ ଯାତ୍ରାରେ ଗତିରୋଧ
## (Pausing for God in the Middle of Victory)

ଅପରାଧୀର ଅପରାଧ ପରମେଶ୍ୱର ପୋଛି ଦେଲେ ସୁଦ୍ଧା, ଅପରାଧୀର ହୃଦୟରେ ଦୋଷୀ ମନୋଭାବ ତତ୍‌କ୍ଷଣାତ୍ ଦୂର ହେବା କଷ୍ଟକର । ଆଖାନଙ୍କ ଅପରାଧ ଓ ତତ୍ ଫଳର ଶାସ୍ତି ସକାଶୁ ଈଶ୍ରାୟେଲ୍ ସମାଜ ଭୟଭୀତ ହେଲେ । କିନ୍ତୁ ପରମେଶ୍ୱର ଯିହୋଶୂୟଙ୍କୁ କହିଲେ, "ଭୟ କରନାହିଁ, କିଅବା ନିରାଶ ହୁଅ ନାହିଁ । ସମସ୍ତ ସୈନ୍ୟ ସଙ୍ଗେ ନେଇ ଉଠି, ଅୟକୁ ଯାତ୍ରା କର । ଦେଖ, ଆମ୍ଭେ ଅୟର ରାଜାକୁ ଓ ତାହାର ଲୋକମାନଙ୍କ ଓ ତାହାର ନଗର ଓ ତାହାର ଦେଶକୁ ତୁମ୍ଭ ହସ୍ତରେ ସମର୍ପଣ କଲୁ ।" (ଯିହୋଶୂୟ ୮:୧) । ଅୟ ନଗର ହସ୍ତଗତ କରିବା ନିମନ୍ତେ ସଦାପ୍ରଭୁ ଯିହୋଶୂୟଙ୍କୁ ଏକ ଯୋଜନା ମଧ୍ୟ ଜଣାଇ ଥିଲେ ।

ଯିହୋଶୂୟୋ ୮:୩ ପଦରେ ଯିହୋଶୂୟ ତିରିଶ ହଜାର ମହାବିକ୍ରମଶାଳୀ ଲୋକଙ୍କୁ ପଠାଇବାର ଓ ଯିହୋଶୂୟ ୮:୧୨ ରେ ପାଞ୍ଚ ହଜାର ଲୋକ ପଠାଇବାର ଉଲ୍ଲେଖ କରାଯାଏ । ଏହି ଦୁଇସଂଖ୍ୟା ଏବ୍ରୀ ଭାଷାରେ ଦେଖିବାକୁ ଏକ ଭାବେ ଥିବାରୁ, ଅନୁବାଦକମାନେ କୌଣସି ଏକ ସ୍ଥାନରେ ଭୁଲ ସଂଖ୍ୟା ଲେଖି ଅଛନ୍ତି । ଅୟ ରାଜାଙ୍କ ଅଜାଣତରେ ରାତ୍ରି ସମୟରେ ଯିହୋଶୂୟ ୫,୦୦୦ ମହାବିକ୍ରମାଶାଳୀ ସୈନ୍ୟମାନଙ୍କୁ ବୈଥେଲ ଓ ଅୟ ନଗରର ମଧ୍ୟ ସ୍ଥାନରେ ଗୋପନରେ ରଖିଲେ ଓ ଅବଶିଷ୍ଟ ସୈନ୍ୟମାନଙ୍କୁ ନେଇ ସେ ପ୍ରଭାତରେ ଅୟ ନଗର ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ପଦାଭୁମିରେ ଉପସ୍ଥିତ ହେଲେ । ସେହିପରି ଭାବେ ଅୟର ରାଜା ଓ ତାଙ୍କର ସମସ୍ତ ଲୋକ ପ୍ରଭାତରେ ଶୀଘ୍ର ଉଠି ଇସ୍ରାଏଲ ସହିତ ଯୁଦ୍ଧ କରିବାକୁ ନିରୁପିତ ସମୟରେ ପଦାଭୁମିରେ ଉପସ୍ଥିତ ହେଲେ, କିନ୍ତୁ ତାଙ୍କ ବିରୁଦ୍ଧରେ ଏକ ସୈନ୍ୟଦଳ ନଗରରେ ଗୋପନରେ ଅଛନ୍ତି ବୋଲି ସେ ଜାଣିନଥିଲେ ।

ଏଥିଉତ୍ତାରେ ଯିହୋଶୂୟ ଓ ସମଗ୍ର ଈଶ୍ରାୟେଲ ସେମାନଙ୍କ ସମ୍ମୁଖରେ ଆପଣା ମାନଙ୍କୁ ପରାସ୍ତ ହେଲା ପରି ଦେଖାଇ, ପ୍ରାନ୍ତର ପଥ ପଳାୟନ କଲେ । ଈଶ୍ରାୟେଲ ସୈନ୍ୟ ପଳାୟନ କରିବା ଦେଖି ଅୟ ସୈନ୍ୟ ଗଣ ଆପଣା ବିଜୟୀ ମନେକରି ସେମାନଙ୍କ ପଛେ ୨ ଗୋଡାଇ ନଗରରୁ ଦୂରକୁ ଆକର୍ଷିତ ହେଲେ । ଅୟର ମହାବିକ୍ରମାବଳୀ ପ୍ରତ୍ୟେକ ପୁରୁଷ ନଗର ତ୍ୟାଗ କରି ଈଶ୍ରାୟେଲକୁ ବିନଷ୍ଟ କରିବାକୁ ସେମାନଙ୍କ ପଛେ

୨ ଗୋଡାଇ ଆପଣା ନଗର ଜନଶୂନ୍ୟ କଲେ । ସେତେବେଳେ ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ଯିହୋଶୂୟ ଅୟନଗର ଆଡେ ବର୍ଚ୍ଛା ବିସ୍ତାର କରିବାରୁ ଗୋପନରେ ଥିବା ମହାବିକ୍ରମାଶାଳୀ ସୈନ୍ୟମାନେ ଶୀଘ୍ର ଆପଣା ୨ ସ୍ଥାନରୁ ଉଠି ଦୌଡିଯାଇ ନଗର ହସ୍ତଗତ କଲେ ଓ ଶୀଘ୍ର ନଗରରେ ଅଗ୍ନି ଲଗାଇ ଦେଲେ । ସେ ଦିନ ଇଶ୍ରାୟେଲ ଆୟବାସୀଙ୍କୁ ଏପରି ସଂହାର କଲେ ଯେ, ସେମାନଙ୍କ ମଧ୍ୟରୁ କେହି ଅବଶିଷ୍ଟ ରହିଲା ନାହିଁ । ମାତ୍ର ଅୟର ରାଜାଙ୍କୁ ଜୀବିତ ଧରି ଯିହୋଶୂୟଙ୍କ ନିକଟକୁ ଆଣିଲେ । ଯିହୋଶୂୟ, ଅୟର ରାଜାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ବୃକ୍ଷରେ ଟଙ୍ଗାଇ ରଖିଲେ । ମାତ୍ର ସୂର୍ଯ୍ୟାସ୍ତ ସମୟରେ ତାହାଙ୍କ ଆଜ୍ଞା ପ୍ରମାଣେ ଲୋକମାନେ ଶବ ବୃକ୍ଷରୁ ତଳକୁ ଆଣି ନଗର ଦ୍ୱାର ପ୍ରବେଶ ସ୍ଥାନରେ ପକାଇ ତହିଁ ଉପରେ ପ୍ରସ୍ତରର ଏକ ବଡ ଡିପି କଲେ । କାରଣ ମୋଶାଙ୍କ ବ୍ୟବସ୍ଥା କହେ, "କୌଣସି ମନୁଷ୍ୟ ମୃତ୍ୟୁଯୋଗ୍ୟ ପାପ କଲେ, ଯେବେ ତାହାର ପ୍ରାଣଦଣ୍ଡ ହୁଏ, ଓ ତୁମ୍ଭେ ତାହାକୁ ବୃକ୍ଷରେ ଟଙ୍ଗା ହୋଇ ରହିବ ନାହିଁ, ମାତ୍ର ତୁମ୍ଭେ କୌଣସି ପ୍ରକାରେ ସେଦିନ ତାହାକୁ କବର ଦେବ ; କାରଣ ଯେ ଟଙ୍ଗାଯାଏ ସେ ପରମେଶ୍ୱରଙ୍କ ଅଭିଶାପ ପ୍ରାପ୍ତ ।" (ଦ୍ୱି:ବି:୨୧:୨୨-୨୩)

ଯିରୋହୋ ନଗରର ପତନ ସମୟର ଅନୁଭୂତିରୁ ଶିକ୍ଷା ପ୍ରାପ୍ତ ହୋଇ, ଇଶ୍ରାୟେଲ ସନ୍ତାନମାନେ ଅୟ ନଗରବାସୀଙ୍କୁ ବର୍ଜିତ ରୂପେ ବିନାଶ କଲେ । ସଦାପ୍ରଭୁଙ୍କ ଆଜ୍ଞାନୁସାରେ ଇଶ୍ରାୟେଲ ଲୋକମାନେ ସେହି ନଗରର ପଶୁ ଓ ଲୁଟ ଦ୍ରବ୍ୟ ସବୁ ଆପଣାମାନଙ୍କ ନିମନ୍ତେ ଗ୍ରହଣ କଲେ । ବିଜୟର ସୁଫଳ ଚାଖି ଇଶ୍ରାଏଲ ସନ୍ତାନମାନେ ଏବଲ ପର୍ବତ ଅଭିମୁଖେ ଯାତ୍ରା କଲେ । ସଂପୂର୍ଣ୍ଣ ହୃଦୟ ସହ ପରମେଶ୍ୱରଙ୍କ ଅନୁଗାମୀ ହେବା ନିମନ୍ତେ ତାହାଙ୍କ ଆଜ୍ଞା ସକଳ ପୂନଃର୍ବାର ସ୍ମରଣ କରିବା ନିମନ୍ତେ ଯିହୋଶୂୟ ଇଶ୍ରାୟେଲ ସମାଜକୁ ସେହି ସ୍ଥାନରେ ସ୍ଥଗିତ କଲେ । ସେ ସେଠାରେ ପରମେଶ୍ୱରଙ୍କ ବ୍ୟବସ୍ଥା ସେମାନଙ୍କୁ ଶୁଣାଇଲେ ।

ଦ୍ୱି:ବି:୨୭:୫-୬ ପଦରେ ବ୍ୟକ୍ତ ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ, ଯହିଁ ଉପରେ କୌଣସି ମନୁଷ୍ୟ ଲୁହା ଉଞ୍ଚାଇ ନାହିଁ, ଏପରି ଅଚଞ୍ଚା ପଥରରେ ସେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମ ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କଲେ । ପୁଣି ସେହି ପ୍ରସ୍ତର ଉପରେ ଇଶ୍ରାୟେଲ ସନ୍ତାନ ଗଣ ସମ୍ମୁଖରେ ମୋଶାଙ୍କ ଦ୍ୱାରା ଲିଖିତ ବ୍ୟବସ୍ଥା ଗ୍ରନ୍ଥର ଅଂଶ ଉତରି ଲେଖିଲେ । ଇଶ୍ରାୟେଲର ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ, ବାଳକ ବାଳିକା ଇଶ୍ୱରଙ୍କ ବ୍ୟବସ୍ଥା ଲିଖିତ ହେବା ଦେଖିଲେ । ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ଛଅ ଗୋଷ୍ଠୀ ଗରିଷୀମ ପର୍ବତ

ସମ୍ମୁଖରେ ଓ ଛଅ ଗୋଷ୍ଠୀ ଏବଲ ପର୍ବତ ସମ୍ମୁଖରେ ଠିଆ ହେଲେ । ଗରିଷୀମ ପର୍ବତରେ ଆଶୀର୍ବାଦ ଦାୟକ ବ୍ୟବସ୍ଥା ଓ ଏବଲ ପର୍ବତରେ ଅଭିଶାପଦାୟକ ବ୍ୟବସ୍ଥା ଲିଖିତ ହେଲା । ଏହି ଦୁଇ ପର୍ବତ ସଦାପ୍ରଭୁଙ୍କ ଠାରୁ ଆଗତ ବିଷୟ ଗୁଡ଼ୀକର ସୂଚକ । ଉର୍ବର ଗିରିଷୀମ ପର୍ବତ ଆଶୀର୍ବାଦ ଦାୟକ ଓ ଅନିର୍ବାର, ନୀସାର ଓ ଫଳଶୂନ୍ୟ । ଦ୍ୱି:ବି:୧୧.୨୯ ପରମେଶ୍ୱରଙ୍କ ଆଜ୍ଞାନୁ ଯାୟୀ ଯିହୋଶୂୟ ଏହି ସବୁ କର୍ମ କଲେ ।

"ବ୍ୟବସ୍ଥା-ଗ୍ରନ୍ଥରେ ସମସ୍ତ ଲେଖାନୁସାରେ ସେ ଆଶୀର୍ବାଦ ଓ ଅଭିଶାପ ବିଷୟକ ବ୍ୟବସ୍ଥାର ସମସ୍ତ କଥା ପାଠ କଲେ । ସେ ଇଶ୍ରାଏଲ ସମସ୍ତ ସମାଜର ଓ ସ୍ତ୍ରୀଗଣର ଓ ବାଳକ ଗଣର ଓ ସେମାନଙ୍କ ମଧ୍ୟରେ ପରିଚିତ ବିଦେଶୀମାନଙ୍କ ନିକଟରେ ଯାହା ପାଠକଲେ ନାହିଁ, ମୋଶାଙ୍କର ସମସ୍ତ ଆଦେଶ ମଧ୍ୟରେ ଏପରି ଗୋଟିଏ କଥା ନଥିଲା ।"(ଯିହୋଶୂୟ ୮:୩୪:୩୫ ) ସ୍ୱର୍ଗରାଜ୍ୟରେ ଅର୍ଥାତ୍ ତାହାଙ୍କ ମଣ୍ଡଳୀରେ ପ୍ରତ୍ୟେକ ସଭ୍ୟ ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱସ୍ତ ଜୀବନ ଯାପନ କରିବା ଆବଶ୍ୟକ । ଇଶ୍ରାୟେଲମାନେ ଆପଣା ବିଜୟ ଯାତ୍ରା ଗତିରୋଧ କରି, ପରମେଶ୍ୱର ସେମାନଙ୍କ ଜୀବନରେ ସ୍ମରଣ କରି ସୁରକ୍ଷାରେ ବିଜୟପଥରେ ଆଗେଇ ଯାଇଥିଲେ । ଆମ୍ଭେମାନେ ଆମ୍ଭମାନଙ୍କ ପ୍ରତ୍ୟେକ ପ୍ରତ୍ୟେକର ଭାର ତାହାଙ୍କ ଉପରେ ଥୋଇଲେ, ସେ ଆମ୍ଭମାନଙ୍କୁ ରକ୍ଷା କରିବାକୁ, କଢାଇ ନେବାକୁ ବିଶ୍ୱସ୍ତ ନ୍ୟାୟବାନ ଓ ସମର୍ଥ ପରମେଶ୍ୱର ଅଟନ୍ତି । ବାକ୍ୟ କହେ , "ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।" (ମାଥିଉ ୬:୩୩)

❋❋❋

# ମରଣ ସମାଧି ଓ ଉତ୍ଥାନ

## (Death, Burial and Resurrection)

"ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛି । ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉଅଛି । ଯଦି ତୁମ୍ଭେମାନେ ତାହା ଦୃଢ ଭାବରେ ଧରିଥାଅ । ତେବେ ତାହା

ଦ୍ୱାରା ପରିତ୍ରାଣ ପାଉଅଛି ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି, ସେଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା - ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗ କଲେ । ସମାଧି ପ୍ରାପ୍ତ ହେଲେ ଶାସ୍ତ୍ରାନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।( ୧ମ କରନ୍ଥୀ ୧୫:୧-୪)

**ଯୀଶୁ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ଉତ୍ ଥାନ ଏକ ଐତିହାସିକ ସତ୍ୟ ଘଟଣା । ଏହି ସତ୍ୟତାରେ ବିଶ୍ୱାସ ଖ୍ରୀଷ୍ଟୀୟ ଜୀବନର ମୂଳ ଦୂଆ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଏହି ତିନୋଟି ଅଂଶରେ କେନ୍ଦ୍ରୀଭୂତ ହୁଏ ।**

"ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କର ଶାନ୍ତି ଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ ।" (ଯିଶାଇୟ ୫୩-୫) ଯିଶାଇୟଙ୍କ ଏହି ଭାବବାଣୀ ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁ ଭୋଗି ସଫଳ କରିଥିଲେ । କ୍ରୁଶୀୟ ମୃତ୍ୟୁ ଦ୍ୱାରା ସଦାପ୍ରଭୁ ଆମ୍ଭମାନଙ୍କ ଅପରାଧ ତାହାଙ୍କ ଉପରେ ବର୍ତ୍ତାଇ ଅଛନ୍ତି । ଆମ୍ଭମାନଙ୍କ ପାପର ପ୍ରତିଫଳ ସେ ବହନ କରି ଆମ୍ଭମାନଙ୍କୁ ଅନନ୍ତ ଶାସ୍ତିରୁ ମୁକ୍ତ କରିଥିବାରୁ ତାହାଙ୍କୁ କୃତଜ୍ଞତା ଅର୍ପଣ କରୁ ।

ଫିଲିପୀୟ ମଣ୍ଡଳୀକୁ ପାଉଲ ଲେଖନ୍ତି "ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହେଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ ।" (ଫିଲିପୀୟ ୨:୮) । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଏକ ଦୈବିକ ଘଟଣା ବା କାଳ୍ପନିକ କାହାଣୀ ନୁହେଁ । କିନ୍ତୁ ତାହାଙ୍କ ମୃତ୍ୟୁରେ ଆମ୍ଭମାନଙ୍କ ପାପମୁକ୍ତି ନିମନ୍ତେ ତାହାଙ୍କ ରକ୍ତ ଢଳା ଯାଇଥିଲା ପ୍ରେରିତ ଯୋହନ ବର୍ଣ୍ଣନା କରନ୍ତି, " ସୈନ୍ୟମାନେ ଆସି ପ୍ରଥମ ଜଣକର ଗୋଡ ଓ ତାହା ସହିତ ଯେଉଁ ଜଣକ କ୍ରୁଶରେ ଚଢାଯାଇଥିଲା, ତାହାର ଗୋଡ ମଧ୍ୟ ଭାଙ୍ଗି ଦେଲେ । ମାତ୍ର ସେମାନେ ଯୀଶୁଙ୍କ ନିକଟକୁ ଆସିଲେ ମରିଗଲେଣି ବୋଲି ଦେଖି ତାହାଙ୍କ ଗୋଡ ଭାଙ୍ଗିଲେ ନାହିଁ । କିନ୍ତୁ ସୈନ୍ୟେମାନଙ୍କ ମଧ୍ୟରୁ ଜଣେ ବର୍ଚ୍ଛାରେ ତାହାଙ୍କ କକ୍ଷ ଦେଶ ବିନ୍ଧିଲା । ଆଉ ତତ୍କ୍ଷଣାତ୍ ରକ୍ତ ଓ ଜଳ ବାହାର ହେଲା । ଯେ ଦେଖିଅଛି, ସେ ସାକ୍ଷ୍ୟ ସତ୍ୟ, ଯେପରି ତୁମ୍ଭେମାନେ ମଧ୍ୟ ବିଶ୍ୱାସ କର, ପୁଣି ତାହାର ସାକ୍ଷ୍ୟ ସତ୍ୟ, ଆଉ ସେ ଯେ ସତ୍ୟ କହୁଅଛି, ଏହା ସେ ଜାଣନ୍ତି । କାରଣ ଧର୍ମଶାସ୍ତ୍ରର

ଆଉ ଗୋଟିଏ ବାକ୍ୟ ଏହି । ସେମାନେ ଯାହାଙ୍କୁ ବିଦ୍ଧ କଲେ ତାହାଙ୍କ ପ୍ରତି ଦୃଷ୍ଟିପାତ କରିବେ ।"(ଯୋହନ ୧୯:୩୨ ୩୭)

ମାନବ ଜାତିର ପ୍ରାୟଶ୍ଚିତ ନିମନ୍ତେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ କ୍ରୁଶ ଉପରେ ଆପଣ ରକ୍ତ ଢାଳିଥିଲେ । ଲେଖାଯାଏ, "ଈଶ୍ୱର ଆପଣା ସହିଷ୍ଣୁତାରେ ପୂର୍ବକୃତ ପାପସବୁ ଉପେକ୍ଷା କରିଥିବାରୁ ନିଜ ଧାର୍ମିକତା ପ୍ରକାଶ କରିବା ନିମନ୍ତେ ତାହାଙ୍କୁ , ତାହାଙ୍କ ରକ୍ତରେ ବିଶ୍ୱସ ଦ୍ୱାରା ପ୍ରାୟଶ୍ଚିତ ବଳି ରୁପେ ପ୍ରଦର୍ଶନ କରିଅଛନ୍ତି ।"(ରୋମୀୟ ୩: ୨୫) କାରଣ "ରକ୍ତପାତ ବିନା ପାପମୋଚନ ହୁଏ ନାହିଁ ।" (ଏବ୍ରୀ ୯: ୨୨)ଆପଣା ମୃତ୍ୟୁ ପୂର୍ବରୁ ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ କହିଲେ, "କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପ କ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି । ଏ ମୋହର ସେହି ରକ୍ତ ।" (ମାଥିଉ୨୬:୨୮) । ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଜୀବନ ଦାୟକ ତଥା ପାପମୋଚକ ।

ରକ୍ତର ବିଶିଷ୍ଟତା ବିଷୟରେ ଆମ୍ଭେମାନେ ଅଜ୍ଞ ନୋହୁ, କାରଣ ରକ୍ତ ହିଁ ଜୀବନ । କିନ୍ତୁ ମନୁଷ୍ୟର ରକ୍ତପାତରେ ପାପ କ୍ଷମା ନାହିଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତପାତ ଦ୍ୱାରା ଆମ୍ଭେମାନେ ଜୀବନ ପାଇ ଥାଉଁ । ବାକ୍ୟ କହେ । କିନ୍ତୁ ସେ ଯେପରି ଜ୍ୟୋର୍ତିନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟେତିରେ ଆଚୋରଣ କରୁ ତେବେ ଆମ୍ଭେମାନଙ୍କର ପରସ୍ପର ସହଭାଗିତା ଅଛି । ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।" (୧ମ ଯୋହନ ୧:୭) କଲସୀ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି , "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରି ଅଛନ୍ତି । ତାହାଙ୍କ ଠାରେ ଆମ୍ଭମାନେ ମୁକ୍ତି ଆର୍ଥାତ୍ ପାପ କ୍ଷମା ପାଇଅଛୁ । ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମ ଜାତ ।" (କଲସୀ ୧:୧୩ ୧୫)

ନିଷ୍କଳଙ୍କ ମେଷଶାବକ ଯୀଶୁଖ୍ରୀଷ୍ଟଙ୍କ ରକ୍ତ କେବଳ ଆମ୍ଭମାନଙ୍କ ପାପ ଧୌତ କରିପାରେ । ପିତରଙ୍କ ଭାଷରେ, "ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃ ପୁରୁଷମାନଙ୍କ ଠାରୁ ପ୍ରାପ୍ତ ପରମ୍ପରା ଗତ ନିରର୍ଥକ ଆଚାର ବ୍ୟବହାରରୁ ରୁପା କି ସୁନାପରି କ୍ଷୟଣୀୟ ବସ୍ତୁଦ୍ୱାରା ମୁକ୍ତ ନ ହୋଇ, ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୁଲ୍ୟ ରକ୍ତରେ ମୁକ୍ତ ହୋଇଅଛି ।" (୧ମ ପିତର ୧:୧୮,୧୯)

ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ପ୍ରାୟଶ୍ଚିତର ମୂଲ୍ୟ ପ୍ରଦାନ କରାଯାଇଅଛି । ତାହ ଭୌତିକ ସୁନା ରୂପାରେ ନୁହେଁ । କିନ୍ତୁ ସଦାପ୍ରଭୁଙ୍କ ଅଦ୍ଵିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତ । ଯିଶାଇୟ ଭାବବାଦୀ କହନ୍ତି "ତୁମ୍ଭେମାନେ ବିନାମୂଲ୍ୟରେ ବିକ୍ରୀତ ହୋଇଥିଲ, ଆଉ ବିନାମୂଲ୍ୟରେ ମୁକ୍ତ କରାଯିବ ।" (ଯିଶାଇୟ ୫୨:୩) । ତାହାଙ୍କ ଆଜ୍ଞା ପାଳନ କରିବା ଦ୍ଵାରା ଆମ୍ଭେମାନେ ତାହାଙ୍କ ନିକଟବର୍ତ୍ତୀ ହୋଇ ପାରି ଥାଉଁ ।

ଆମ୍ଭମାନଙ୍କ ପାପ ଧୌତ କରିବା ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶରୀର ବଳିଦାନ ରୂପେ ଉତ୍ସର୍ଗ କରିଥିଲେ ବୋଲି ଆମ୍ଭେମାନେ ସମସ୍ତେ ଜାଣୁ । କିନ୍ତୁ ସେ ପୂର୍ବ ଜୀବିତ ହୋଇ ନ ଥିଲେ ତାହାଙ୍କ ରକ୍ତ ମୂଲ୍ୟହୀନ ହୋଇ ଥାନ୍ତା । ମୃତ୍ୟୁଜୟୀ ଯୀଶୁଖ୍ରୀଷ୍ଟଙ୍କ ରକ୍ତର ଶକ୍ତିରେ ଆମ୍ଭମାନଙ୍କ ମୁକ୍ତି । କାରଣ ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି "କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଦ୍ଵାରା ଈଶ୍ଵରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ ।" (ରୋମୀୟ ୧:୪) ପ୍ରେରିତ ପିତରଙ୍କ ଅନୁଯାୟୀ । ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଈଶ୍ଵର ଓ ପିତା ଧନ୍ୟ, ସେ ମୃତମାନଙ୍କ ମଧ୍ୟରୁ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ଵାରା ଜୀବନଦାୟକ ଭରସା ପ୍ରାପ୍ତି ନିମନ୍ତେ, ଅର୍ଥାତ୍ ଯେଉଁ ଅକ୍ଷୟ ଅକଳଙ୍କିତ ଅଜର ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ଵର୍ଗରେ ସଞ୍ଚିତ ହୋଇଅଛି , ତାହା ପାଇବା ନିମନ୍ତେ ଆପଣାର ମହାଦୟାରେ ଆମ୍ଭମାନଙ୍କୁ ପୁର୍ନଜନ୍ମ ଦେଇ ଅଛନ୍ତି ।" (୧ମ ପିତର ୧:୨-୪) ତାହାଙ୍କ ପୁନଃଉତ୍ଥାନ ବିନା ପାପୀ ମନୁଷ୍ୟର ମୁକ୍ତି ନାହିଁ । "ସେହି ଯୀଶୁ ଆମ୍ଭମାନଙ୍କ ଅପରାଧ ନିମନ୍ତେ ସମର୍ପିତ ହେଲେ । ପୁଣି ଆମ୍ଭେମାନେ ଧାର୍ମିକ ଗଣିତ ହେବା ନିମନ୍ତେ ଉତ୍ଥାପିତ ହେଲେ ।"(ରୋମୀୟ ୪:୨୫) ।

ଯୀଶୁଖ୍ରୀଷ୍ଟ ଯଦି ପୁର୍ନଜୀବୀତ ହୋଇ ନଥାନ୍ତେ , ପୁର୍ନଉତ୍ଥାନ ହିଁ ନଥାନ୍ତା । କାରଣ କୁହାଯାଏ; ଏଣୁ ଖ୍ରୀଷ୍ଟ ଯେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇ ଅଛନ୍ତି । ଏହା ଯଦି ପ୍ରଚାର କରାଯାଉଅଛି । ତେବେ ମୃତମାନଙ୍କର ପୁନରୁତ୍ଥାନ ନାହିଁ ବୋଲି ତୁମ୍ଭମାନଙ୍କ ମଧ୍ୟରୁ କେହି କେହି କିପରି କହନ୍ତି ? ଯଦି ମୃତମାନଙ୍କର ପୁନରୁତ୍ଥାନ ନାହିଁ, ତେବେ ଖ୍ରୀଷ୍ଟ ମଧ୍ୟ ଉଥିତ ହୋଇ ନାହାନ୍ତି, ଆଉ, ଯଦି ଖ୍ରୀଷ୍ଟ ଉତ୍ଥିତ ହୋଇ ନାହାନ୍ତି, ତେବେ ତ ଆମ୍ଭମାନଙ୍କର ପ୍ରଚାର ବୃଥା, ତୁମ୍ଭମାନଙ୍କ ବିଶ୍ଵାସ ମଧ୍ୟ ବୃଥା । (୧ମ କରନ୍ତି ୧୫:୧୨-୧୪) ।

ଅନେକ ଶତାବ୍ଦୀ ପୂର୍ବେ ପୁରାତନ ନିୟମର ଅୟୁବ ନାମକ ଏକ ଲେଖକ ପ୍ରଶ୍ନ କରିଥିଲେ । "ମନୁଷ୍ୟ ମଲେ କ'ଣ ପୁନର୍ବାର ବଞ୍ଚିବ (ଆୟୁବ ୧୪:୧୪) ଅନେକ ଶତାବ୍ଦୀର ଏହି ପ୍ରଶ୍ନର ଉତ୍ତର ଅନିଶ୍ଚିତ ଥିଲା । କିନ୍ତୁ ଯୀଶୁଖ୍ରୀଷ୍ଟ ତାହା ଦୂର କରି କହିଲେ, "ମୁଁ ପୁନରୁତ୍ଥାନ ଓ ଜୀବନ ଯେ ମୋ ଠାରେ ବିଶ୍ୱାସ କରେ ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ । ପୁଣି ଯେ କେହି ବଞ୍ଚେ ଓ ମୋ ଠାରେ ବିଶ୍ୱାର କରେ କଦାପି କେବେ ହେଁ ମରିବ ନାହିଁ । ଏହା କି ବିଶ୍ୱାସ କରୁଅଛ ?" (ଯୋହନ ୧୧:୨୮,୨୯) ।

ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ପୁନରୁଥାନରେ ବିଶ୍ୱାସ କରିବା ସ୍ୱାଭାବିକ ତାହାଙ୍କ ସମାଧି ଶୂନ୍ୟଥିଲା ବୋଲି କହି କେତେକ ନାସ୍ତିକ ବର୍ଗର ଲୋକେ ଖ୍ରୀଷ୍ଟଙ୍କ ପୁନରୁଥାନ ବିଷୟରେ ସନ୍ଦେହ ଓ ସମାଲୋଚନାର ବୀଜ ବୁଣନ୍ତି । ଯଦି କେହି ତାହାଙ୍କ ଶରୀର ଚୋରି କରି ନେଇ ଯାଇଥାନ୍ତା । ତାହାଙ୍କ ମୃତ ଶରୀର ତାଙ୍କର ପୁରନରୁଥାନର ବାର୍ତ୍ତା ମିଥ୍ୟା ବୋଲି ପ୍ରମାଣ କରିପାରି ଥାନ୍ତା । କିନ୍ତୁ ରୋମୀୟ ସୈନ୍ୟମାନଙ୍କ ଦ୍ୱାରା ମୁଦ୍ରାଙ୍କିତ ପ୍ରହରୀ ଦଳମାନଙ୍କ ଦ୍ୱାରା ସୁରକ୍ଷିତ ଖ୍ରୀଷ୍ଟଙ୍କ ଶରୀରକୁ କିଏ ଚୋରି କରି ପାରେ ! ସେ ମୃତ୍ୟୁକୁ ଜୟ କରି ପୁରରୁଥିତ ହୋଇଥିଲେ । ତାଙ୍କର ପୁରରୁଥାନରେ ବିଶ୍ୱସ ନକରି ତାହାଙ୍କ ଠାରେ ବିଶ୍ୱସ କରିବା ବୃଥା ।

***- Mariel Wayne Mitchell***

❋❋❋

# ପରମେଶ୍ୱରଙ୍କ ବୁଦ୍ଧି ଓ ଜ୍ଞାନ ?

## (The Knowledge and Wisdom of God ?)

"କାରଣ ଈଶ୍ୱରଙ୍କ ଜ୍ଞାନ ପ୍ରକାଶିତ ହୋଇଥିଲେ ହେଁ ଜଗତ ନିଜ ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ନ ଜାଣିବାରୁ, ପ୍ରଚାରିତ ପ୍ରସଙ୍ଗର ମୂର୍ଖତା ଦ୍ୱାରା ବିଶ୍ୱାସୀମାନଙ୍କୁ ପରିତ୍ରାଣ କରିବା ପାଇଁ ଈଶ୍ୱର ସନ୍ତୁଷ୍ଟ ହେଲେ ।" (୧ କରିନ୍ଥୀ ୧:୨୧)

ମନୁଷ୍ୟର ବୁଦ୍ଧିକୁ ମହାନ୍ୱିତ କରୁଥିବା ଯୁଗରେ ଆମ୍ଭେମାନେ ବାସ କରୁଅଛୁ । ଐଶ୍ୱର୍ଯ୍ୟମୟ ଓ ଅଜ୍ଞାନୀ ସମ୍ରାଟ ଶଲୋମନଙ୍କ ଜ୍ଞାନ ତାହାଙ୍କୁ ଶେଷଦଶାର

ଅଧୋଃପତନରୁ ରକ୍ଷା କରିପାରିଲା ନାହିଁ । ଏହି ଯୁଗର ବୁଦ୍ଧି ଦ୍ୱାରା ବିଶ୍ୱ ଅନୁସନ୍ଧାନ କରାଯିବା ସଙ୍ଗେ ସଙ୍ଗେ ବୋମା ଫଟାଇ ସହସ୍ର ମାନବ ଜୀବନ ବିନଷ୍ଟ କରାଯାଏ ।

ପରମେଶ୍ୱରଙ୍କ ଦତ୍ତ ଜ୍ଞାନ ମହାନ ରାଜା ଶଲୋମନଙ୍କୁ ଅଧୋଃପତନରୁ ରକ୍ଷା କରିପାରିନଥିଲା । ଜ୍ଞାନୀ ଶଲୋମନଙ୍କ ଶେଷଜୀବନ ବ୍ୟଭିଚାର ଓ ପ୍ରତିମାପୂଜା ହେତୁ, ଇଶ୍ରାଏଲ ରାଜ୍ୟ ବିଭକ୍ତ ହେଲା । ବିଦେଶୀୟା ଭାର୍ଯ୍ୟାମାନଙ୍କ ପ୍ରଭାବରେ ରାଜା ଶଲୋମନ ପିତା ପରମେଶ୍ୱରଙ୍କୁ ତ୍ୟାଗ କରି ପ୍ରତିମାମାନଙ୍କ ଅନୁଗମନ କଲେ ।

ଭାବବାଦୀ ହୋଶେୟ କହିଲେ,"ଆମ୍ଭର ଲୋକମାନେ ଜ୍ଞାନର ଅଭାବ ସକାଶୁ ବିନଷ୍ଟ ହୋଇଅଛନ୍ତି..." (୪:୬) । ସେମାନେ ପରମେଶ୍ୱରଙ୍କ ଜ୍ଞାନ ତୁଚ୍ଛ କରି, ଆପଣା ଜ୍ଞାନ ଉପରେ ନିର୍ଭର କଲେ । ପରମେଶ୍ୱର ସେମାନଙ୍କୁ ପରିତ୍ୟାଗ କରିବାରୁ ସେମାନେ ଆଉ ପରମେଶ୍ୱରଙ୍କ ଆପଣା ମନୋନୀତ ଗୋଷ୍ଠୀ ନୋହିଲେ ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟ ଏହି ଜଗତରେ ଜୀବନଯାପନ କରିବା ସମୟରେ, ପରିସ୍ଥିତି କିଛି ଭିନ୍ନ ନଥିଲା । ସାଦ୍ଦୂକୀ ଓ ଫାରୁଶୀମାନେ ମୋଶାଙ୍କ ଆସନ ଅଳଙ୍କୃତ କରି, ମନୁଷ୍ୟର ରୀତିନୀତିନୁଯାୟୀ ପରମେଶ୍ୱରଙ୍କୁ ବୃଥା ଆରାଧନା କରୁଥିଲେ । (ମାଥିଉ ୧୫ ଓ ମାର୍କ ୭ମ ପର୍ବ) ଖ୍ରୀଷ୍ଟଙ୍କ ଠାରେ ସଞ୍ଚିତ ଅମୂଲ୍ୟ ଧନସମ୍ପଦ ବିଷୟରେ ପ୍ରଚାର କରୁଥିବା ପିତର ଓ ଯୋହନଙ୍କୁ ସେମାନେ ଅଶିକ୍ଷିତ ଓ ଅଜ୍ଞାନୀରୂପେ ପରିଗଣିତ କରିଥିଲେ । ଆପଣା ଆପଣାର ରୀତିନୀତି ନିମନ୍ତେ ସେମାନେ ପରମେଶ୍ୱରଙ୍କ ଜ୍ଞାନ ତୁଚ୍ଛ କଲେ ।

ଆଧୁନିକ ସମାଜ ମନୁଷ୍ୟର ଶିକ୍ଷା ଉପରେ ଅଧିକ ପ୍ରାଧାନ୍ୟତା ଦିଏ । ଅନେକଙ୍କ ଜୀବନରେ ଉଚ୍ଚକୋଟୀର ଶିକ୍ଷା ହାସଲ ଜୀବନର ମୁଖ୍ୟ ଲକ୍ଷ୍ୟ ଅଟେ । ରାଜନୀତିଜ୍ଞମାନେ ଶିକ୍ଷିତ ବ୍ୟକ୍ତିମାନଙ୍କୁ ସମ୍ମାନିତକରନ୍ତି । ପ୍ରତ୍ୟେକ ସରକାର ଶିକ୍ଷା ନିମନ୍ତେ ଅନେକ ଅର୍ଥ ବ୍ୟୟ କରେ । ଜାଗତିକ ଜ୍ଞାନ ଅର୍ଜନରେ ମନୁଷ୍ୟ ଆତୁରତା ପରିଲକ୍ଷିତ ହୋଇଅଛି । କିନ୍ତୁ ସରଳ ସୁସମାଚାର ଶିକ୍ଷା କରିବାରେ ଆତୁର ଲୋକେ ଅତି ଅଳ୍ପ । ବିଜାତୀୟମାନଙ୍କ ନିକଟକୁ ପ୍ରେରିତରୂପେ ମନୋନୀତ ପାଉଲ ଏହି ବିଷୟରେ କଅଣ କହନ୍ତି ? ୧ମ କରିନ୍ଥୀ ୧:୧୮ "କାରଣ ବିନାଶପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତାର ମାତ୍ର, କିନ୍ତୁ ପରିତ୍ରାଣପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ ।" ୧ମ କରିନ୍ଥୀ ୧:୨୬-୨୯ :-

''ହେ ଭାଇମାନେ, ତୁମ୍ଭମାନଙ୍କ ଆହ୍ୱାନ ବିଷୟ ଭାବି ଦେଖ, ସାଂସାରିକ ମତାନୁସାରେ ଅନେକ ଜ୍ଞାନୀ, ଅନେକ କ୍ଷମତାପନ୍ନ ବା ଅନେକ କୂଳୀନ ଆହୂତ ହୋଇନାହାନ୍ତି, କିନ୍ତୁ ଯେପରି କୌଣସି ମର୍ତ୍ତ୍ୟ ଈଶ୍ୱରଙ୍କ ଛାମୁରେ ଗର୍ବ ନକରେ, ଏଥିପାଇଁ ଈଶ୍ୱର ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟସବୁ ମନୋନୀତ କଲେ, ପୁଣି ବଳବାନ ବିଷୟସବୁକୁ ଲଜ୍ଜା ଦେବା ନିମନ୍ତେ ଈଶ୍ୱର ଜଗତର ଦୁର୍ବଳ ବିଷୟସବୁ ମନୋନୀତ କଲେ ।'' (୧ମ କରିନ୍ଥୀ ୨:୧-୨:-) ''ଅତଏବ, ହେ ଭାଇମାନେ, ଯେତେବେଳେ ମୁଁ ତୁମ୍ଭମାନଙ୍କ ନିକଟକୁ ଯାଇଥିଲି, ଈଶ୍ୱରଙ୍କ ନିଗୂଢ଼ ତତ୍ତ୍ୱ, ବକ୍ତୃତା କିମ୍ବା ଜ୍ଞାନର ଉତ୍କୃଷ୍ଟତା ସହିତ ଯେ ତୁମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ମୁଁ ମନସ୍ଥ କଲି । (୧ମ କରିନ୍ଥୀ ୨:୪-୫ :- ତୁମ୍ଭମାନଙ୍କ ବିଶ୍ୱାସ ଯେପରି ମନୁଷ୍ୟର ଜ୍ଞାନ ଉପରେ ସ୍ଥାପିତ ନହୋଇ ଈଶ୍ୱରଙ୍କ ଶକ୍ତି ଉପରେ ସ୍ଥାପିତ ହୁଏ, ଏଥିପାଇଁ ମୋହର ଶିକ୍ଷା ଓ ମୋହର ପ୍ରଚାର ଜ୍ଞାନର ମନୋହର ବାକ୍ୟଯୁକ୍ତ ନହୋଇ ଆତ୍ମା ଓ ଶକ୍ତିର ପ୍ରମାଣଯୁକ୍ତ ହୋଇଥିଲା ।''

ଜଗତର ଜ୍ଞାନ ବିଷୟରେ ପାଉଲ କହନ୍ତି,''ଏହି ଜଗତର ଜ୍ଞାନ ଈଶ୍ୱରଙ୍କ ନିକଟରେ ମୂର୍ଖତା । ଯେଣୁ ଲେଖାଅଛି, ସେ ଜ୍ଞାନୀମାନଙ୍କୁ ସେମାନଙ୍କର ଧୂର୍ତ୍ତତାରେ ଧରନ୍ତି ।'' ପୁନଶ୍ଚ ଜ୍ଞାନୀମାନଙ୍କର ତର୍କବିତର୍କ ଅସାର ବୋଲି ପ୍ରଭୁ ଜାଣନ୍ତି ।'' (୧ମ କରିନ୍ଥୀ ୩:୧୯,୨୦)

ଖ୍ରୀଷ୍ଟିୟାନ ଜଗତର ନେତାମାନେ ଉଚ୍ଚଶିକ୍ଷିତ ନ ହେଲେ ହେଁ, ସେମାନଙ୍କ ବିଶ୍ୱାସ ଧର୍ମଶାସ୍ତ୍ର ଉପରେ ଆଧାରିତ । ଜାଗତିକ ଜ୍ଞାନ ଅର୍ଜନ କରିବା ଠାରୁ ଈଶ୍ୱରଙ୍କ ବାକ୍ୟଜ୍ଞାନ ଆମ୍ଭମାନଙ୍କ ନିମନ୍ତେ ଶ୍ରେୟସ୍କର । ଜାଗତିକ ଭାବେ ଶିକ୍ଷା ଅର୍ଜନ କରିବା ସଙ୍ଗେ ସଙ୍ଗେ, ଈଶ୍ୱରଙ୍କ ବାକ୍ୟଜ୍ଞାନ ଅର୍ଜନ କରନ୍ତୁ । ଯାହା ଆପଣଙ୍କୁ ଅନନ୍ତଜୀବନ ପ୍ରଦାନ କରିବ ।

***- Fred Dillon***

**Edited & Published by : Kabita & Joshua Gootam**

# THE FOUR GOSPELS

(continuation of last issue)

**MARK :**

- Probably the first Gospel written; Matthew and Luke may have used Mark as a source.

- Focuses on Jesus as servant who minnisters to the physical and spiritual needs of others.

-The shortest Gospel;written to a Gentile audience, particularly Roman citizens.

-Uses brevity in accounts,with repid movement,to give a sense of urgency to the gospel messages; key expression is "immediately."

-Mark's purpose was to show that Jesus was the son of God; a Roman soldier's words at Jesus' death were,"Truly this Man was the son of God !"(15:39).

**LUKE:**

-Written by a Gantile writer,for Gentiles ,to give the full story of Jesus' life, from His birth to the church.

-Records many of Jesus' parables not found in the other Gospels.

-Univarsal in outlook,portraying Jesus as the compassionate savior of the world, with love for all people, whether rich or poor,Jew or Gentile;He reaches out especially to woman and the poor and outcast of society.

-Emphasis the work of the Holy spirit and the central place of prayer in Jesus' life and ministry.

-Key expression is "it happened" or "it came to pass."

## JOHN:

Focuses on the theological meaning of Jesus' actions, rather than on the action themselves; emphasizes who Jesus is, rather than what He did.

-Includess many lengthy discourses of Jesus around which narrative is woven.

-Uses many key words, such as *life,light, believe, love,witness, glory, water,* and *truth,*to portray Jesus as God's eternal Son.

-Presents Jesus as God incarnate through seven miraculous sinns; key expression is "believe."

-John's clear purpose in writing is "that you may believe thai Jesus is the christ,the son of God, and that believing you may have life in His name"(20:31).

Printed Book Only

From:

SATYA VANI

P.O. Box 80,

Kakinada - 533 001

To

(FOR PRIVATE CRICULATION ONLY)